(ଗ) ପତ୍ରମୋଡ଼ା, କୋବି ପ୍ରଜାପତିର ଲାର୍ଭାକୁ ହାତରେ ସଂଗ୍ରହ କରାଯାଇ ମାରି ଦିଆଯାଏ ।

(ଘ) ପତ୍ରଡିଆଁ ଓ ଜଉପୋକକୁ ଦମନ କରିବା ପାଇଁ ଅଠାଳିଆ ଯନ୍ତା ବ୍ୟବହାର କରାଯାଏ । କୀଟ ପ୍ରଜାପତିମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଲୋକ ଯନ୍ତା ବ୍ୟବହାର କରାଯାଏ ।

(ଙ) ଜମିରେ ବାଉଁଶ ଡାଳ ପୋତି କୀଟଭକ୍ଷୀ ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ ସୃଷ୍ଟି କରାଯାଇଥାଏ ।

(ଚ) ଗଛରେ ଧଳା କଳଙ୍କି ରୋଗ ଦେଖାଦେଲେ ଗଛର ନିମ୍ନ ଭାଗରୁ କିଛି ପତ୍ର ଛିଣ୍ଡାଇ ଦିଆଗଲେ ଏହି ରୋଗପୋକକୁ ଦମନ କରାଯାଇଥାଏ ।

**(୩) ଜୈବିକ ପ୍ରଣାଳୀ:**

**(କ) ପରୀକ୍ଷାଗାରରେ ଉପକାରୀ କୀଟମାନଙ୍କୁ ବଢ଼ାଇ କୀଟ ନିୟନ୍ତ୍ରଣରେ ଉପଯୋଗ କରାଯାଏ**

- ➤ ଛୁଇଁ ଓ ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୫୦,୦୦୦ ଟ୍ରାଇକୋଗ୍ରାମା ଚିଲୋନିସ ଅଣ୍ଡା ପ୍ରତି ୭-୧୦ ଦିନ ଅନ୍ତରରେ ଦୁଇଥର ଛାଡ଼ନ୍ତୁ ।
- ➤ ହେକ୍ଟର ପ୍ରତି ୫୦୦ ବ୍ରାକନ୍ ପ୍ୟୁପା ଛାଡ଼ି ଛୁଇଁ ଓ ଫଳବିନ୍ଧା ପୋକ ଦମନ କରାଯାଏ ।
- ➤ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫୦୦୦ କ୍ରାଇସୋପେରଲା କରନିଆର ଅଣ୍ଡା ଛଡ଼ାଯାଏ ।

**(ଖ) ବୃକ୍ଷଜାତ କୀଟନାଶକର ପ୍ରୟୋଗ:**

ବିଭିନ୍ନପ୍ରକାରର ପୋକର ଦମନ କରିବା ପାଇଁ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ନିମଜାତ କୀଟନାଶକ ପ୍ରୟୋଗ କରାଯାଇପାରିବ ।

(୧) ପାଞ୍ଚ କି.ଗ୍ରା ଚୋପାଛଡ଼ା ନିମମଞ୍ଜି ଗୁଣ୍ଡକୁ ୧୦ ଲିଟର ପାଣିରେ ମିଶାଇ ଏହାକୁ ରାତିକ ପାଇଁ ରଖାଯାଏ । ପରଦିନ ଏହି ପାଣିକୁ ଛାଣି ଅଧିକ ପାଣି ମିଶାଯାଇ ୧୦୦ ଲିଟର ଦ୍ରବଣ ପ୍ରସ୍ତୁତ କରି ଏହାକୁ ଫସଲରେ ସିଞ୍ଚନ କରାଯାଏ ।

(୨) ୫ ଲି. ପାଣିରେ ୧ କି.ଗ୍ରା ସଦ୍ୟ ନିମପତ୍ର ଗୋଟିଏ ରାତି ପାଇଁ ଭିଜାଇ ପରଦିନ ସକାଳେ ଏହାକୁ ବାଟି ପାଣିରେ ମିଶାଯାଏ । ଏହାକୁ ଛାଣି ଜଉପୋକ ନିୟନ୍ତ୍ରଣ ପାଇଁ ଜମିରେ ପ୍ରୟୋଗ କରାଯାଏ ।

(୩) ୧୦୦ ଗ୍ରାମ ନିମପିଡ଼ିଆକୁ କନାରେ ବାନ୍ଧି ୧ ଲିଟର ପାଣିରେ ଭିଜାଇ ଦିଅନ୍ତୁ । ଏହାକୁ ସକାଳେ ଛାଣି ଏହି ରସରୁ ୧୦ ମି.ଲି. ୧ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

(୪) ୧ ଲି. ପାଣିରେ ୩୦ ମି.ଲି. ନିମତେଲ ମିଶାଇ ଏହାସହ ବଜାରରେ ମିଳୁଥିବା ଷ୍ଟିକର ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

(ଗ) ସାରିକଟା ରୋଗ, ଅଙ୍ଗାରୀ ରୋଗ, ବେକପଚା ରୋଗ ଓ ଅଲଟରନାରିଆ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ୧ କି.ଗ୍ରା ବିହନରେ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡେ ଓ ଟ୍ରାଇକୋଡର୍ମା ହାରଜାନିୟମ୍ କବକ କଲଚର ମିଶାଇ ବିହନକୁ ବିଶୋଧନ କରାଯାଏ ।

**(୪) ରାସାୟନିକ ନିୟନ୍ତ୍ରଣ:**

(କ) ଗଛ ପ୍ରତି ଜଉପୋକ ୫୦ରୁ ଅଧିକ ହେଲେ ମିଥାଇଲ୍ ଡିମେଟନ୍ କିମ୍ବା ଡାଇମେଥୋଏଟ୍/ ରୋଗୋର୍ ୨ ମି.ଲି. ପ୍ରତି ଲିଟର ପାଣିରେ ଗୋଳାଇ ଏକର ପ୍ରତି ୨୦୦ ଲିଟରେ ଦ୍ରବଣ ସିଞ୍ଚନ କରନ୍ତୁ । ଏହାପରେ ଯଦି ପୋକ ନ କମେ ୫ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ ।

(ଖ) କରତିଆ ମାଛି ଓ ସବୁଜ ଶୂକ ପାଇଁ ଲିଟର ପିଛା ୩ ମି.ଲି. ଏଣ୍ଡୋସଲ୍ଫାନ୍ ୧ ଗ୍ରାମ ଏସିଫେଟ୍ ଗୋଳାଇ ଏକର ପ୍ରତି ୨୦୦ ଲିଟର ଦ୍ରବଣ ଜମିରେ ପ୍ରୟୋଗ କରନ୍ତୁ ।

**କୀଟନାଶକ ଦ୍ୱାରା ରୋଗ ନିୟନ୍ତ୍ରଣ:**

(କ) ଧଳାକଳଙ୍କି ରୋଗର ନିୟନ୍ତ୍ରଣ ପାଇଁ ୧ ଲି. ପାଣିରେ ୨.୫ ଗ୍ରା. ଥାୟୋଫେନେଟ୍ ମିଥାଇଲ୍ କିମ୍ବା ୪ ଲି. ପାଣିରେ ୧ଗ୍ରା. ଟ୍ରାଇଡିମେଫେନ୍ ମିଶାଇ ସିଞ୍ଚନ କରନ୍ତୁ । ୧ କି.ଗ୍ରା ବିହନରେ ୪ ଗ୍ରାମ୍ ମେଟାଲାକ୍ସିଲ୍ ମିଶାଇ ବିହନକୁ ବୁଣିବା ପୂର୍ବରୁ ବିଶୋଧନ କରନ୍ତୁ । ଏହାପରେ ରୋଗ ନିୟନ୍ତ୍ରଣ ନ ହେଲେ ପ୍ରତି ୧ ଲି. ପାଣିରେ ୨ ଗ୍ରାମ୍ ରିଡୋମିଲ୍ ଏମ୍.ଜେଡ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

(ଖ) ନିମ୍ନମୁଖୀ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ପାଇଁ ୧ ଲି. ପାଣି ପ୍ରତି ୨ ଗ୍ରାମ୍ ପ୍ରୋପିନେବ୍ କିମ୍ବା ୧ ଲି. ପାଣିରେ ୩ ଗ୍ରାମ୍ ଜିନେବ୍ ମିଶାଇ ପ୍ରୟୋଗ କରନ୍ତୁ ।

(ଗ) ଆଲଟର୍‌ନାରିଆ ପତ୍ର ଦାଗ ରୋଗ ନିୟନ୍ତ୍ରଣ ପାଇଁ ୨୫ ପ୍ରତିଶତ କାର୍ବେଣ୍ଡାଜିମ୍ ୧ ଲି. ପାଣିରେ ୨୫ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

(ଘ) ପାଉଁଶିଆ ରୋଗ ଫସଲରେ ଦେଖାଦେଲେ ଏକର ପ୍ରତି ୪ କି.ଗ୍ରା ସଲଫର ସେଚିତ ଗୁଣ୍ଡ କିମ୍ବା ୧ ଲି. ପାଣିରେ ୨ ଗ୍ରାମ୍ ସଲଫେକ୍ସ ମିଶାଇ ସିଞ୍ଚନ କରନ୍ତୁ ।

**ତୃଣ ଦମନ :**

ମଞ୍ଜି ବୁଣିବାର ୨ ଦିନ ମଧ୍ୟରେ ଏକର ପ୍ରତି ୧ ଲିଟର ମେଟାକ୍ଲୋର କିମ୍ବା ୧ ଲିଟର ପେଣ୍ଡିମେଥାଲିନ୍ କିମ୍ବା ୧ ଲିଟର ଆଲାକ୍ଲୋର୍ ୨୦୦ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରନ୍ତୁ ।

**ବିଷାକ୍ତ କୀଟନାଶକ ଦ୍ରବ୍ୟର ନିରାପଦ ଓ ସଠିକ୍ ବ୍ୟବହାର:**

(୧) କୀଟନାଶକ କିଣିବା ସମୟରେ ସିଲ୍ ଓ ଲେବଲ୍ ନଥିବା କୀଟନାଶକ କିଣିବା ଅନୁଚିତ୍ ।

(୨) ସ୍ପ୍ରେୟରର ଜଣା, ନୋଜଲ୍‌କୁ ସଫା କରିବା ପାଇଁ ଦାନ୍ତସଫା ବ୍ରସ୍ ବ୍ୟବହାର କରିବା ଉଚିତ୍ । ତୃଣ ଜ ନାସୀ ଏବଂ କୀଟନାଶକକୁ ଗୋଟିଏ ସ୍ପ୍ରେୟରରେ ମିଶାଇ ସ୍ପ୍ରେ କରିବା ଅନୁଚିତ୍ ।

(୩) ଅଧିକ ବେଗରେ ପବନ ବହିବା ସମୟରେ, ଟାଣ ଖରା ହେଉଥିବା ସମୟରେ, ବର୍ଷା ଆସିବା ପୂର୍ବରୁ କିମ୍ବା ବର୍ଷା ଛାଡ଼ିଯିବା ପରେ ପ୍ରୟୋଗ କରିବା ଉଚିତ୍ ନୁହେଁ ।

(୪) ବଳକା କୀଟନାଶକକୁ ଏବଂ ଖାଲି ଡବାଗୁଡ଼ିକୁ ଗଭୀର ମାଟିରେ ପୋତି ଦେବା ଉଚିତ୍ । ଏହାକୁ ଜଳାଶୟକୁ ଛାଡ଼ିବା ଆଦୌ ଉଚିତ୍ ନୁହେଁ ।

# ସୋରିଷ ଫସଲର ନୂତନ ଦିଗ




**ଦେବବ୍ରତ ପାଣିଗ୍ରାହୀ**

ବିଶେଷଜ୍ଞ (ଫସଲ ସଂରକ୍ଷଣ)



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ସୋରିଷ ଫସଲର ଉତ୍ପାଦନଏବଂ ତୈଳ ବୃଦ୍ଧି ନିମନ୍ତେ କେତେକ ବିଶେଷ ଉପଯୋଗୀ ନୂତନ ଜ୍ଞାନ କୌଶଳ ହିସାବରେ ଅଧିକ ଅମଳକ୍ଷମ ନୂତନ କିସମ, ତୈଳ ବୃଦ୍ଧି ପାଇଁ ସଲଫର ପ୍ରୟୋଗ, ସମନ୍ୱିତ ଖାଦ୍ୟସାର ପରିଚାଳନା ଏବଂ ଚାଷିଭାଇ ମାନେ ସର୍ବୋପରି ପରିବେଶ ଉପଯୋଗୀ ସମନ୍ୱିତ ରୋଗପୋକ ପରିଚାଳନା ପ୍ରତି ଦୃଷ୍ଟି ଦେବା ନିତାନ୍ତ ଦରକାର।

**ମୃତ୍ତିକା:**

ସାଧାରଣତଃ ସୋରିଷ ଚାଷ ହାଲୁକା ମାଟିରେ ହୋଇଥାଏ। ପଟୁ, ଦୋରସା ଏବଂ ମଟାଳ ଦୋରସା ମାଟି ସୋରିଷ ଚାଷ ପାଇଁ ଉପଯୁକ୍ତ। ସାଧାରଣତଃ ନିଗିଡ଼ା ଡିପ ଜମି ଏବଂ ନିରପେକ୍ଷ ମୃତ୍ତିକା ଥିବା ଜମିରେ ସୋରିଷ ଚାଷ ଭଲ ହୁଏ।

**ବିହନ କିସମ:**

ସାଧାରଣତଃ ସୋରିଷ ଚାଷ ପାଇଁ ଦୁଇ ପ୍ରକାର ବିହନ କିସମ ମିଳିଥାଏ ଯଥା- ରାଇ ସୋରିଷ ଏବଂ ତୋରିଆ ସୋରିଷ। ବିହନର କିସମ ଜଳସେଚନର ସୁବିଧା, ଜମିର ଉର୍ବରତା ଏବଂ ଶୀତର ପ୍ରକୋପ ଉପରେ ନିର୍ଭର କରେ।

**କିସମ:**

ସୋରିଷ ଫସଲକୁ ଲାଭଜନକ କରିବା ପାଇଁ ୭୫ ଦିନରେ ଅମଳ ହେଉଥିବା ଅନୁରାଧା, ପାର୍ବତୀ, ଏମ-୨୭, ଟି.ଏସ୍-୨୯, ୮୦ ଦିନରେ ଅମଳ ହେଉଥିବା ପି.ଟି.-୩୦୩/ ୫୦୫ ଆଦି ଉନ୍ନତ ତୋରିଆ କିସମ ଏବଂ ୧୦୦ ଦିନରେ ଅମଳ ହେଉଥିବା ପୁସା ବାହାର, ପୁସା ବସନ୍ତ ଓ ପୁସା ବୋଲଡ୍, ୧୧୦-୧୧୫ ଦିନରେ ଅମଳ ହେଉଥିବା ବରୁଣ ଓ କ୍ରାନ୍ତି ଆଦି ଉନ୍ନତ ଓ ଅଧିକ ଅମଳକ୍ଷମ ରାଇ ସୋରିଷ କିସମ ଚାଷ କରିବା ଉଚିତ୍।

**ଜମି ପ୍ରସ୍ତୁତି:**

ସୋରିଷ ଫସଲର ମଞ୍ଜି ସାନ ହୋଇଥିବାରୁ ଏହାର ଚାଷ ପାଇଁ ଗୁଣ୍ଡ ମାଟି ଆବଶ୍ୟକ ହୋଇଥାଏ। ଜମିରେ ବତର ଥିବା ସମୟରେ ଲୁହା ଲଙ୍ଗଳ ବା ଟ୍ରାକ୍ଟରରେ ଦୁଇଥର ଚାଷ କରି ଘାସ ଓ ନଡ଼ାମୂଳ ବାଛି ଦିଆଯାଏ ଓ ମଇ ଦ୍ୱାରା ମାଟିକୁ ଗୁଣ୍ଡ କରାଯାଏ। ବିହନ ବୁଣାଯିବା ସମୟରେ ଜମି ଆର୍ଦ୍ର ରହିବା ନିତାନ୍ତ ଜରୁରୀ।

**ବୁଣିବା ସମୟ:**

ସୋରିଷ ଫସଲକୁ ଜଉପୋକ ମୁକ୍ତ କରି ଅଧିକ ଅମଳ ପାଇବା ପାଇଁ ବିହନକୁ ଉଚିତ୍ ସମୟରେ ବୁଣିବା ଦରକାର। ସାଧାରଣତଃ ସେପ୍ଟେମ୍ବର ମାସ ଶେଷରୁ ନଭେମ୍ବର ମଧ୍ୟ ଯାଏ ସୋରିଷ ବୁଣାଯାଇଥାଏ। ବିହନ କିସମ ଅନୁଯାୟୀ ତୋରିଆ ସୋରିଷ ପ୍ରଥମେ ବୁଣାଯାଏ ଏବଂ ରାଇ ସୋରିଷ ଅପେକ୍ଷାକୃତ ବିଳମ୍ବରେ ବୁଣାଯାଇଥାଏ।

**ବିହନ ପରିମାଣ ଓ ବିଶୋଧନ:**

ସାଧାରଣ ଏକର ପିଛା ୨.୫-୩.୫ କି.ଗ୍ରା ନିରୋଗ ବିହନ ଦରକାର ହୋଇଥାଏ। ପ୍ରାଥମିକ ସୁରକ୍ଷା ପାଇଁ ପ୍ରତି ୧ କେଜି ବିହନକୁ ୩ ଗ୍ରାମ୍ ଥିରାମ୍ ବା ୨.୫ ବାଭିଷ୍ଟିନରେ ଗୋଳାଇ ବିଶୋଧନ କରାଯାଏ। ଏହାର ୧ ସପ୍ତାହ ପରେ ୧୦ କି.ଗ୍ରା ବିହନ ସହିତ ୨୦୦ ଗ୍ରାମ୍ ଏଜୋଟୋବ୍ୟାକ୍ଟର କଲଚରକୁ ୩୦୦ ମି.ଲି. ପାଣିରେ ଉପଚାର କରି ବୁଣିବା ଉଚିତ୍।

**ବୁଣିବା ପ୍ରଣାଳୀ:**

ସୋରିଷ ବିହନକୁ ଛଟାବୁଣା ଅପେକ୍ଷା ଧାଡ଼ିରେ ବୁଣିଲେ ଅଧିକ ଅମଳ ମିଳିଥାଏ। ତୋରିଆ ବିହନକୁ ଧାଡ଼ି କୁ ଧାଡ଼ି ୪୦ ସେ.ମି. ଓ ଗଛକୁ ଗଛ ୮-୧୦ ସେ.ମି. ଓ ରାଇ ସୋରିଷ ବିହନକୁ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣିବା ଉଚିତ୍।

**ଖତ ଓ ସାର ପ୍ରୟୋଗ:**

ମଞ୍ଜି ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ ଏକର ପିଛା ୨ରୁ ୩ ଟନ୍ ଗୋବର ଖତ ବା କମ୍ପୋଷ୍ଟକୁ ମାଟିରେ ଭଲ ଭାବରେ ମିଶାଇ ଦିଆଯାଇଥାଏ। ଅଣଜଳସେଚିତ ଜମିରେ ଏକର ପିଛା ୧୨ କି.ଗ୍ରା ଯବକ୍ଷାରଜାନ ଏବଂ ୬ କି.ଗ୍ରା ଫସ୍‌ଫରସ, ୬ କି.ଗ୍ରା ପଟାସ୍ ପ୍ରୟୋଗ କରାଯାଏ ଏବଂ ଜଳସେଚିତ ଜମିରେ ଏକର ପିଛା ୨୪ କି.ଗ୍ରା ଯବକ୍ଷାରଜାନ, ୧୨ କି.ଗ୍ରା ପଟାସ୍ ଏବଂ ୧୨ କି.ଗ୍ରା ଫସ୍‌ଫରସ୍ ପ୍ରୟୋଗ କରାଯାଏ।ଏହାଛଡ଼ା ସୋରିଷର ତୈଳଅଂଶ ବଢ଼ାଇବା ପାଇଁ ୧୬ କି.ଗ୍ରା. ମୂଳସାର ଦେବା ସମୟରେ ମାଟିରେ ପ୍ରୟୋଗ କରନ୍ତୁ। ବିହନ ବୁଣିବା ସମୟରେ ମାଟିରେ ୪୦୦ ଗ୍ରାମ୍ ବୋରନ୍ ମିଶାଇଲେ ଗଛରେ ଅଧିକ ଫଳ ହୋଇଥାଏ।

**ଅନ୍ତଃଚାଷ:**

ଫସଲରେ ଅନାବନା ଘାସ ନ ଉଠିବା ପାଇଁ ୮୦୦ ମିଲି ବାସାଲିନ୍ କିମ୍ବା ଷ୍ଟମ୍ପକୁ ବିହନ ବୁଣିବାର ୩ଦିନ ପୂର୍ବରୁ ଜମିରେ କିମ୍ବା ବିହନ ବୁଣିବାର ଦିନକ ପରେ ୪୦୦ ଲି. ପାଣିରେ ମିଶାଇ ୧ ଏକର ଜମିରେ ସିଞ୍ଚନ କରିବା ଉଚିତ୍। ଗଛ ଉଠିବାର ୩ ସପ୍ତାହ ମଧ୍ୟରେ ଧାଡ଼ିରେ ଅଧିକ ଗଛ ଥିଲେ ୮-୧୦ ସେ.ମି. ବ୍ୟବଧାନରେ ଭଲ ଗଛ ରଖି ରୋଗୀଣା ଗଛ ସବୁ ଉପାଡ଼ି ଦିଅନ୍ତୁ। ଗଛ ଉଠିବାର ୩ ସପ୍ତାହ ପରେ କୋଡ଼ାଖୁସା କରି ଅନାବନା ଘାସ ବାଛିଦେବା ଦରକାର।

**ଜଳସେଚନ:**

ଜମି ପ୍ରସ୍ତୁତି ପୂର୍ବରୁ ଜଳସେଚନ କରାଯାଇଥିଲେ ଦୁଇଥର ଜଳସେଚନ କରିବା ଆବଶ୍ୟକ ହୋଇଥାଏ। ତୋରିଆ କିସମର ସୋରିଷରେ ପ୍ରାୟ ଜଳସେଚନର ଆବଶ୍ୟକତା ନାହିଁ। ଏଥିରେ ଫସଲ ଲାଗିବାର ୩୦ ରୁ ୩୫ ପରେ ଥରେ ଜଳସେଚନ କଲେ ଭଲ ଅମଳ ମିଳିଥାଏ। କିନ୍ତୁ ରାଇ ସୋରିଷରେ ୩ଥର ଗଛ ଉଠିବାର ୩୦ ରୁ ୩୫ ଦିନ ପରେ ଥରେ, ଫୁଲ ଏବଂ ଫଳ ଧରିବା ସମୟରେ ଥରେ ଲେଖାଏଁ ଜଳସେଚନ କରିବା ଉଚିତ୍।

**ଅମଳ:**

ଗଛରେ ଛୁଇଁ ହଳଦିଆ ପଡ଼ିଗଲେ ଗଛକୁ ଦାଆରେ କଟାଯାଇ ଖରାରେ ଶୁଖାଇ ବାଡ଼ିରେ ପିଟି ବା ବେଙ୍ଗଳା ପକାଇ ଅମଳ କରାଯାଏ। ଛୁଇଁ ନୀଳ ଥିବା ସମୟରେ ଅମଳ କଲେ ସୋରିଷରୁ ତେଲ କମ୍ ମିଳେ। ସାଧାରଣତଃ ସୋରିଷ ଏକର ପିଛା ୩ କ୍ୱିଣ୍ଟାଲ ଅମଳ ଦେଇଥାଏ। ଫସଲ ଅମଳ ହେବା ପରେ ସୋରିଷକୁ ଭଲ ଭାବେ ଖରାରେ ଶୁଖାଇ ଶତକଡ଼ା ୮ ଭାଗ ଜଳୀୟ ଅଂଶ ଥିବା ଅବସ୍ଥାରେ ଅଖାରେ ରଖିବା ଉଚିତ୍।

**ରୋଗ ପୋକ ପରିଚାଳନା :**

ସୋରିଷ ଫସଲକୁ ଆକ୍ରମଣ କରୁଥିବା ଜଉପୋକ, କରତିଆ ମାଛି, ପତ୍ର ଓ ଫଳବିନ୍ଧା ପୋକ, ଚିତ୍ରିତ ଓ ଶୋଷକ ପୋକ ଆଦି ମୁଖ୍ୟ କୀଟ।

**ରୋଗ:** ପତ୍ରଚିତା, ପାଉଁଶିଆ, ନିମ୍ନମୁଖୀ ସିନ୍ଧମରା ଓ ଧଳାକଳଙ୍କି ଆଦି ମୁଖ୍ୟ ରୋଗ ଗୁଡ଼ିକୁ ସଫଳ ଭାବେ ନିୟନ୍ତ୍ରଣ କରି ଉପଯୁକ୍ତ ଅମଳ କରିବା ପାଇଁ ଉପଯୁକ୍ତ ଚାଷ ପ୍ରଦ୍ଧତି, ଯାନ୍ତ୍ରିକ, ଜୈବିକ ଓ ରାସାୟନିକ ପ୍ରଣାଳି ଗୁଡ଼ିକର ସମନ୍ୱିତ ଉପାୟରେ ବ୍ୟବହାର କରିବା ଉଚିତ୍।ଏହି ସମନ୍ୱିତ ରୋଗ ପୋକ ପରିଚାଳନା ଜମି ନିର୍ବାଚନଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ କରାଯାଇଥାଏ।

**(୧) ଉପଯୁକ୍ତ ଚାଷ ପଦ୍ଧତି:**

(କ) ରୋଗପୋକ ସହଣୀ ଓ ପ୍ରତିରୋଧ ଶକ୍ତି ଥିବା ବିହନ କିସମ ଯଥା ଆର୍.ସି. ୬୮୧, ଆର୍.ସି. -୬୬୧, ପି.ଟି.-୩୦୩, ଟି-୪, ଓ୍ୱାଇ.ଆର୍.ଟି- ୩, ଟି-୬, ଏବଂ ଏମ୍-୨୭ ଆଦି ବିହନ କିସମ ବ୍ୟବହାର କରିବା ଉଚତ୍।

(ଖ) ମାଟିକୁ ଗଭୀର ଭାବେ ଚାଷ କରି ଓଲଟପାଲଟ କରିଦେଲେ ଏଥିରେ ଥିବା କରତିଆ ମାଛି ଟାଣ ଖରାରେ ମରିଯାଆନ୍ତି।

(ଗ) ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଜମିରେ କେବଳ ସୋରିଷ ଚାଷ ନ କରି ଅନ୍ୟ ଫସଲ ଚାଷ କରନ୍ତୁ।

(ଘ) ଠିକ୍ ସମୟରେ ଏବଂ ଠିକ୍ ଦୂରତାରେ ବିହନ ବୁଣିବା ଆବଶ୍ୟକ।

(ଙ) ଜମି ସଫା ରହିଲେ ରୋଗପୋକ ଲାଗିବାର ସମ୍ଭାବନା କମ୍ ଥାଏ। ଏଣୁ ପରିଷ୍କାର ପରିଛନ୍ନ ଚାଷ କରାଯିବା ଆବଶ୍ୟକ।

(ଚ) ସୋରିଷ ଫସଲ ସହିତ ଅନ୍ୟାନ୍ୟ ଫସଲକୁ ମିଶ୍ରିତ ଭାବେ ଚାଷ କରିବାକୁ ଯନ୍ତା ଫସଲ ଚାଷ କୁହାଯାଏ। ଏହାଦ୍ୱାରା ରୋଗପୋକ କମ୍ ହୋଇଥିବାରୁ ଏହା ବିଶେଷ ଭାବେ ଆଦୃତ ହୋଇଥାଏ।

(ଛ) ମାଟି ପରୀକ୍ଷା କରି ସୁଷମ ଖାଦ୍ୟସାର ପ୍ରୟୋଗ କଲେ ରୋଗପୋକ ଲାଗିବାର ସମ୍ଭାବନା କମ୍ ଥାଏ ଏବଂ ଅମଳ ମଧ୍ୟ ଅଧିକ ହୋଇଥାଏ।

(ଜ) ଜମିର ଜଳଧାରଣ କ୍ଷମତା ଅନୁସାରେ ସୋରିଷ ଫସଲରେ ୨-୪ ଥର ଜଳସେଚନ କରିବା ଆବଶ୍ୟକ ହୋଇଥାଏ।

(ଝ) ଫସଲ ପାଚଳ ହୋଇଗଲା ପରେ ଠିକ୍ ସମୟରେ ଅମଳ କଲେ ଅଧିକ ଆମଦାନୀ ମିଳେ।

**(୨) ଯାନ୍ତ୍ରିକ ପ୍ରଣାଳୀ:**

(କ) ଜଉପୋକ ଓ ଠିକିରି ପିଠିଆ ପୋକ ଗଛର କଅଁଳିଆପତ୍ର, କଢ଼ ଓ ଫୁଲରେ ଦେଖାଯାଇଥାନ୍ତି। ଏମାନଙ୍କୁ ଦମନ କରିବା ପାଇଁ ଗଛର ଅଗପତ୍ରର କିଛି ଅଂଶ ଛିଣ୍ଡାଇ ଦିଆଯାଇଥାଏ।

(ଖ) କରତିଆ ମାଛିର ଲାର୍ଭା ଗଛର ପତ୍ର, ଫୁଲ, ଫଳ ଆଦି ଖାଇ ଗଛକୁ ଥୁଣ୍ଟା କରିଦିଅନ୍ତି। ଗଛକୁ ହଲାଇଦେଲେ ଏମାନେ ତଳେ ପଡ଼ିଯାଆନ୍ତି ଓ ପରେ ସେମାନଙ୍କୁ କିରୋସିନ ମିଶା ପାଣିରେ ବୁଡ଼ାଇ ମାରି ଦିଆଯାଏ।